# Akashvani, Sambalpur

## SAMBALPURI NEWS MORNING BULLETIN

## 27 August 2026 - 6.47- 6.52 am.

---

ପି.ଏମ୍. ଖେଲୋ ଇଣ୍ଡିଆ/ଆର୍‌ଏନ୍‌ୟୁ/କଟକ୍/ ନୂଆପଡ଼ା ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଆଭାସୀ ଜରିଏ ଖେଲୋ ଇଣ୍ଡିଆ ଆଲୋଚନାକେ ସମ୍ବୋଧନ୍ କର୍‌ବେ । ଜାତୀୟ କ୍ରୀଡ଼ା ଦିବସ୍ ୨୦୨୬ ପାଲନ୍‌ର ଅଂଶ ହିସାବେ ମେରା ଯୁବା ଭାରତ୍ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଦେଶେ ପରିଚାଲିତ୍ ହେବା । ଯେନ୍‌ଥି ଫି' ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ସବୁ ଜିଲ୍ଲାର୍ ୨ ଟା ମହାବିଦ୍ୟାଳୟର୍ ଯୁଆନ୍ ପିଲା ଟୁକେଲ୍‌ମାନେ ଭାଗ୍ ନେବେ । ଯୁବନେତୃତ୍ୱ, ନାଗରିକ୍ ଦାୟିତ୍ୱ, ସ୍ୱେଚ୍ଛାସେବୀ ମନୋଭାବ୍, ସ୍ୱଚ୍ଛତା ଆଉ ଦେଶ୍ ଗଠନ୍ ଦିଗେ ଇଟା ସାହାଜ୍ କର୍‌ବା । ଯୁଆନ୍ ପିଢ଼ିଙ୍କୁ ଦେଶର୍ କ୍ରୀଡ଼ା ସାଙ୍ଗେ ଜୁଡ଼୍‌ବାର୍ ଲାଗି ଇ ଆଲୋଚନା ଗୁଟେ ସିଧାସଳଖ୍ ମାଧ୍ୟମ୍ ହେବା । ଓଡ଼ିଶାର୍ ୬୦ ଟା

ଅନୁଷ୍ଠାନ୍‌କେ ଇଥିର୍‌ଲାଗି ବଛାଯାଇଛେ । ଛାତ୍ରଛାତ୍ରୀ ଆଉ ଜାତୀୟ ସେବା ଯୋଜ୍‌ନା, ସ୍ୱେଚ୍ଛାସେବୀ ମାନ୍‌କର୍ ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଇଥି ଜୋର୍ ଦିଆଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି

ଏସ୍‌ଏମ୍‌ଏସ୍ ଜରିଏ ଆଏବା କାଏଲ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଗଞ୍ଜାମ୍ ଜିଲ୍ଲା ଗୋଲାବନ୍ଧ ଧବଳେଶ୍ୱର୍ ମନ୍ଦିର୍ ପଡ଼ିଆ ନ ନୂଆଁ ଗୁଲାବନ୍ଧ ପୁନର୍ବାସ୍ ଆଉ ଥଇଥାନ୍ ପେକେଜ୍ ଆଉ ଛେଳିଗଡ଼ ପ୍ରକଳ୍ପର୍ ବିସ୍ଥାପିତ୍ ମାନ୍‌କୁ ପଟ୍ଟା ବାଂଟ୍‌ବେ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ଜିଲ୍ଲା ପରିଷଦ୍‌ର ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେବେ ।

ଅନୁ ଗର୍ଗ      ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ଖୋର୍ଦ୍ଧା ଜିଲ୍ଲା ଡେରାଶ ସି’ ଫୁଡ୍ ପାର୍କ ପରିଦର୍ଶନ୍ କରିକରି ସାମୁଦ୍ରିକ ଖାଦ୍ୟ

ପ୍ରକ୍ରିୟାକରଣ୍ ନିବେଶ୍ ଆଉ ରପ୍ତାନୀକେ ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ରପ୍ତାନୀକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ପାର୍କକେ ପୁରାପୁରି କାର୍ଯ୍ୟକ୍ଷମ୍ ଆଉ ରପ୍ତାନୀ କେନ୍ଦ୍ର ଭାବେ ବିକଶିତ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ଉତ୍‌ରୁ ସେ ଡେରାଶର ଉଦ୍ୟାନ୍ କୃଷି ଉତ୍କର୍ଷ କେନ୍ଦ୍ର, ଇକୋ ପାର୍କ, ଝୁମ୍‌କା ଡାକ ବଙ୍ଗଳ ପରିଦର୍ଶନ୍ କରିକରି ଏଗ୍ରୋ ଟୁରିଜମ୍ ଆଉ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ପରାମର୍ଶ ଦେଇଛନ୍ ।

ଗହ୍ମାପୁନି, ରାକ୍ଷୀପୁନି ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାଏ ବହେନ୍‌କର୍ ଭିତ୍‌ରେ ସ୍ନେହ ଆଉ ବନ୍ଧନ୍‌ର ପରବ୍ ରାକ୍ଷୀ ପୁନି ଆଏଜ୍ ପାଲନ୍ କରାଯାଉଛେ । ବହେନ୍‌ମାନେ ଭାଏ ମାନ୍‌କର୍ ମଙ୍ଗଲ୍ ମନାସି କରି ତାଙ୍କର୍ ହାତେ ରାକ୍ଷୀ ବାନ୍ଧ୍‌ସନ୍ । ଇତାର୍‌ଛଡ଼ା ଗାଁଗହଲ୍‌ନ ଗହ୍ମାପୁନି ଅବ୍‌ସରେ ଗାଇଗୋରୁଙ୍କର୍ ପୂଜା ଅର୍ଚ୍ଚନା କରାଯାଉଛେ ।

ମାହାଲିଆ ବସ୍ ଯାତ୍ରା ଆଇ ଆଣ୍ଡ୍ ପି.ଆର୍

ପବିତ୍ର ରକ୍ଷା ବନ୍ଧନ୍ ଅବ୍ସରେ ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ଥି କ୍ଲୁଟ୍ ତର୍ଫୁ ଆଏଜ୍ ମହିଳାମାନ୍କର୍ ଲାଗି ଆମ ବସ୍ ଯାତ୍ରାକେ ପୁରାପୁରି ମାହାଲିଆ କରାଯାଇଛେ । କଟକ୍, ଭୁବ୍ନେଶ୍ୱର୍, ସମ୍ବଲପୁର୍, ପୁରୀ, ରାଉର୍କେଲା, ବ୍ରହ୍ମପୁର୍, କେନ୍ଦୁଝର୍ ନ ଚାଲୁଥିବା ସବୁ ଆମ ବସ୍ଥି ଇ ସୁବିଧା ମିଲ୍ବା । ପାଖାପାଖି ୧ ଲାଖ୍ ନୁ ଅଏତ୍କା ମହିଳା ଇଥିର୍ଲାଗି ଉପକୃତ୍ ହେବେ । ଯାତ୍ରା ମାହାଲିଆ ହେଲେ ଭିଲ୍ ଜିରୋ ଟିକେଟ୍ ନେବାର୍ଟା ବାଧ୍ୟତାମୂଲକ୍ ଆଏ ବଲି କ୍ଲୁଟ୍ ତର୍ଫୁ କୁହାଯାଇଛେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନା    ଆର୍ଏନ୍ୟୁ/ ସମ୍ବଲପୁର

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନାଥି ଚଲ୍ତି ଆର୍ଥିକ୍ ବଛ୍ରର୍ ପହେଲା ଖେପେ ରାଜ୍ୟର୍ ୬ ଟା ଜିଲ୍ଲା- ଖୋର୍ଦ୍ଧା, ପୁରୀ, କଟକ୍, ଜଗତ୍ସିଂହପୁର୍, କେନ୍ଦ୍ରାପଡ଼ା ଆର୍ ଢେଙ୍କାନାଲ୍ ଜିଲ୍ଲାର୍ ୭ ଶହ ୭୫ ଝନ୍ ତୀର୍ଥଯାତ୍ରୀ ଆଏବା ୨ ତାରିଖ୍ ଭୁବ୍ନେଶ୍ୱର୍ନୁ ଖାସ୍ ଟେନ୍ଥି ବାରଣାସୀ, ଅଯୋଧ୍ୟା ଯାତ୍ରା କର୍ବେ । ସେମାନେ ସଭେ ତୀର୍ଥ ସାରିକରି ୭ ତାରିଖ୍ ଭୁବ୍ନେଶ୍ୱର୍ ଫିର୍ବେ । ସେମାନ୍କୁ

ସହଯୋଗ୍ କର୍‌ବାର୍ ଲାଗି ୨୫ ଝନ୍ ଅଧିକାରୀ ଭିଲ୍ ସେମାନ୍‌କର୍ ସାଙ୍ଗେ ଯିବେ ।

ନେପାଲ୍- କଂଟ୍ରୋଲ୍‌ରୁମ୍ ଆଇ ଆଣ୍ଡ ପି.ଆର୍

ନେପାଲ୍‌ର କେତେଟା ଇଲାକା ନ ଗଲାକାଏଲ୍ ହେଇଥିବା ଭୟଙ୍କର୍ ଆକସ୍ମିକ୍ ବନ୍ୟାଥି ଶତାଧିକ୍ ଭାରତୀୟ ନିଖୋଜ୍ ଥିବାର୍ ସୂଚ୍‌ନା ମିଲିଛେ । ଇଥିର୍‌ଲାଗି ବିପଦ୍‌ଥି ଥିବା ଆଉ ସାହାଜ୍ ଦର୍‌କାର୍ କରୁଥିବା ଓଡ଼ିଶାର୍ ଲୁକ୍‌କୁ ଜରୁରୀ ସାହାଜ୍ ଯୁଗେଇ ଦେବାର୍ ଲାଗି ନୂଆଦିଲ୍ଲୀର୍ ଓଡ଼ିଶା ନିବାସ୍ ନ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୁଲାଯାଇଛେ । ନୂଆଦିଲ୍ଲୀ ନ ଥିବା ରାଜ୍ୟ ସର୍‌କାର୍‌ଙ୍କର୍ ମୁଖିଆ ଆବାସିକ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟର୍ ବିଜ୍ଞପ୍ତି ଅନ୍‌ସାରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ନମ୍ବର୍ ଭିଲ୍ ଜାରି କରାଯାଇଛେ ।

ଏନ୍‌ଫ୍ଲୁଏଞ୍ଜା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଭେଷଜ ମହାସଂଘ- ଆଇଏମ୍ଏ ତର୍ଫୁ ଦେଶେ ଏନ୍ଫ୍ଲୁଏଞ୍ଜା ଜି- ଏଚ୍. ୱ୍ାନ୍. ଏନ୍.ୱ୍ାନ୍ ସଂକ୍ରମଣ୍ ବଢୁଥିବାର୍ନୁ ଲୁକ୍କୁ ସତର୍କ ରହେବାର୍କେ ଅନୁରୋଧ୍ କରାଯାଇଛେ । ବହୁତ୍ଟେ ସଂକ୍ରମଣ୍ ସାଧାରଣ୍ ଆଉ ଆପେଆପେ ଭଲ୍ ହେଇଯାଉଥିବାର୍ନୁ ନାଇଁ ଡର୍ବାର୍କେ ଆଇଏମ୍ଏ ତର୍ଫୁ କୁହାଯାଇଛେ । ଇତାର୍ସହେତେ ଜର୍ କି ଥଣ୍ଡା ଲକ୍ଷଣ୍ ଲାଗି ବିନା ଡାକ୍ତରୀ ପରାମର୍ଶଥି ଏଂଟିବାୟୋଟେିକ୍ ନେବାର୍ ଲାଗି ମନା କରାଯାଇଛେ ।

ବାଲିଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

କଟକ୍ ଜିଲ୍ଲା ଆଉ ରାଜ୍ୟ ପ୍ରାଚୀନ୍ କଳା, ହସ୍ତଶିଳ୍ପ ସଂସ୍କୃତି ଆଉ ସାମୁଦ୍ରିକ୍ ଐତିହ୍ୟକେ ସୁର୍ତା କର୍ବାର୍ ଲାଗି ଆଏବା ନଭେମ୍ବର୍ ୨୪ ତାରିଖ୍ନୁ ଡିସେମ୍ବର୍ ୧ ତାରିଖ୍ତକ୍ ଐତିହାସିକ୍ କଟକ୍ ବାଲିଯାତ୍ରା ହେବା । ଇଥିର୍ଲାଗି ଗଲାକାଏଲ୍ ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ପାଣିପାଗ/ହୀରାକୁଦ୍           ଆର୍ଏନ୍ୟୁ/ ସମ୍ୱଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଉତର୍ ପଶ୍ଚିମ ଆଡ୍କେ ଯିବାର୍ ସହେତେ ଝାର୍ଖଣ୍ଡ ଆଉ ଉତର୍ ଓଡ଼ିଶା ପାର୍ କର୍ବାର୍ ସମ୍ଭାବନା ରହିଛେ । ଇତାର ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ଜବର୍ ବର୍ଷା ହେବା ବଲି ୧୪ ଟା ଜିଲ୍ଲା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ । ଇତାର୍ ସହେତେ ମୟୁର୍ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ନୁ ଅତି ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ । ଇତାର୍ ଉତ୍ରୁ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭବନା ଅଛେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଆକଲନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଖାଲ ୬ ବଜେତକ୍ ୬ ଶହ ୨୩ ଦଶ୍ମିକ୍ ୯/୭ ଫୁଟ୍ ରହିଥିଲା । ଇ ସମିଆଥି ଡେମ୍ର ୧୬ ଟା ଗେଟ୍ ଖୁଲାଯାଇଛେ ।